# ଓଡ଼ିଆ ପୁଅ କଶ୍ମୀରର ସର୍ବକନିଷ୍ଠ ଆଇଜି

ଶ୍ରୀନଗର, ୧୨।୨/ପିଟିଆଇ: ୨୦୦୦ ମସିହା ବ୍ୟାଚ୍ ଆଇପିଏସ୍ ଅଧିକାରୀ ତଥା ଓଡ଼ିଆ ପୁଅ ସ୍ୱୟଂ ପ୍ରକାଶ ପାଣି କଶ୍ମୀର ରେଞ୍ଜର ନୂଆ ପୁଲିସ୍ ଆଇଜି ଭାବେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଜମ୍ମୁ-କଶ୍ମୀର କ୍ୟାଡରର ପାଣି (୪୧) ରାଜ୍ୟର ସର୍ବକନିଷ୍ଠ ଆଇଜି ହେବାର ଗୌରବ ଅର୍ଜନ କରିଛନ୍ତି। ଗତ ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ତାଙ୍କ ନାମ ଅନୁମୋଦିତ ହୋଇଥିଲା। ସେ ମୁନିର୍ ଖାନ୍‌ଙ୍କ ସ୍ଥାନରେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିପୂର୍ବରୁ ସ୍ୱୟଂ ଦକ୍ଷିଣ କଶ୍ମୀର ରେଞ୍ଜ୍ ଡିଆଇଜି ଥିଲେ। ସେ ମଧ୍ୟ ଇଣ୍ଟେଲିଜେନ୍ସ ବ୍ୟୁରୋ ଓ ଏନ୍‌ଆଇଏରେ ମଧ୍ୟ କାର୍ଯ୍ୟ କରିଛନ୍ତି।

ନିତିଦିନ NITIDIN Tue, Feb 13, 2018
http://odishanewsnitidin.com